**ଲକି ହେଲେ ରାଜ୍ୟ କଂଗ୍ରେସ ପ୍ରଚାର କମିଟି ସଦସ୍ୟ**

ବନ୍ତ,(ହରିନାରାୟଣ ମହାନ୍ତି): ଭଦ୍ରକ ଜିଲା ବନ୍ତ ବ୍ଲକ ଅଧୀନ ଟିଲୋ ଗ୍ରାମର ଯୁବନେତା ଇଂ. ଲକି ମାଷ୍ଟର ସ୍ୱାଇଁ ରାଜ୍ୟ କଂଗ୍ରେସର ପ୍ରଚାର ଓ ପ୍ରକାଶନ କମିଟି ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି। ଏହି କମିଟିରେ ଜଣେ ଆବାହକଙ୍କ ସମେତ ସାରା ରାଜ୍ୟରୁ ୩୧ ସଭ୍ୟଙ୍କୁ ମନୋନୀତ କରାଯାଇଛି। ସେମାନଙ୍କ ମଧ୍ୟରେ ଭଦ୍ରକ ଜିଲାରୁ ଲକି ଅଛନ୍ତି। ରାଜ୍ୟ ସ୍ତରରେ ଜିଲାର ବିଭିନ୍ନ ସମସ୍ୟା ସମ୍ପର୍କରେ ଦାବି ଉଠାଇବା ଏବଂ ତୃଣମୂଳ ସ୍ତରରୁ ଦଳକୁ ଅଧିକ ସଙ୍ଗଠିତ କରିବା ଲକ୍ଷ୍ୟରେ ବରିଷ୍ଠ ନେତୃତ୍ୱମାନେ ତାଙ୍କୁ ଏହି ଗୁରୁଦାୟିତ୍ୱ ପ୍ରଦାନ କରିଥିବା ସେ କହିଛନ୍ତି।

## ସଂକ୍ଷେପରେ

### ବାଲି ବୋଝେଇ ୨ ଡମ୍ଫର ଜବତ

**ମୋରଡ଼ା,୧୪।୧୧(ସ୍ମାରକ ମାଜୀ)**

ମୟୂରଭଞ୍ଜ ଜିଲା ଶୁଳିଆପଦା ଥାନା ପୋଲିସ ୨ ବାଲି ବୋଝେଇ ଡମ୍ଫର ଜବତ କରିବା ସହ ୩ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଡମ୍ଫର ମାଲିକ ଦିଲୀପ କୁମାର ପରିଡା, ଡ୍ରାଇଭର ବନମାଳି ବାରିକ ଓ ରବୀନ୍ଦ୍ର ବିନ୍ଧାଣୀ। ଏନେଇ ଥାନାରେ ଏକ ମାମଲା(ନଂ.୧୪୦/୨୩) ରୁଜୁ ହୋଇଛି। ପାଞ୍ଚଭାୟା ନିକଟସ୍ଥ ଏକ ବାଲି ଘାଟରୁ ସୋମବାର ବିଳମ୍ବିତ ରାତିରେ ଦୁଇଟି ଡମ୍ଫର ଦ୍ୱାରା ଚୋରାରେ ବାଲି ଚାଲାଣ ହେଉଥିବା ବେଳେ ପୋଲିସ ଚଢ଼ାଉ କରିଥିଲା।

### ଜୋତା ଗୋଦାମରେ ଅଗ୍ନିକାଣ୍ଡ



**ବାଲେଶ୍ୱର, ୧୪।୧୧(ମାନସ ବିଶ୍ୱାଳ)**

ବାଲେଶ୍ୱର ସହରସ୍ଥିତ ଅରଡ଼ବଜାରରେ ଥିବା ଏକ ଜୋତା ଗୋଦାମରେ ମଙ୍ଗଳବାର ଅଗ୍ନିକାଣ୍ଡ ଘଟିଛି। ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର ଜୋତା ପୋଡ଼ି ନଷ୍ଟ ହୋଇଯାଇଛି। ନିଆଁରେ ଅନ୍ୟାନ୍ୟ ସାମଗ୍ରୀ ମଧ୍ୟ ପୋଡିଯାଇଛି। ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ନିଆଁ ଲିଭାଇବାକୁ ଯାଇ ଜଣେ ଯୁବକ ଆହତ ହୋଇଛନ୍ତି। ଆହତଙ୍କୁ ଉଦ୍ଧାର କରାଯାଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ବିଦ୍ୟୁତ୍ ସର୍ଟସର୍କିଟ ଯୋଗୁ ନିଆଁ ଲାଗିଥିବା ସନ୍ଦେହ କରାଯାଉଛି।

### ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ, ନାବାଳକ ଅଟକ

**କେନ୍ଦୁଝର,୧୪।୧୧ (ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝର ଜିଲା ବାରିଆ ଥାନା ଅଞ୍ଚଳରେ ୭ ବର୍ଷର ବାଳିକାଙ୍କୁ ବଳାତ୍କାର ଉଦ୍ୟମ ଘଟଣାରେ ପୋଲିସ ଜଣେ ନାବାଳକଙ୍କୁ ଅଟକ ରଖିଛି। ନାବାଳକଙ୍କ ବୟସ ୧୨ ବର୍ଷ ହେବ ବୋଲି ଜଣାପଡ଼ିଛି। ତାଙ୍କୁ ରାଉରକେଲା ମୁକ୍ତାକାଶ ସେଣ୍ଟରକୁ ପଠାଯାଇଛି। ଉଭୟ ଗୋଟିଏ ସାହିର ହୋଇଥିବା ବେଳେ ନାବାଳିକାଙ୍କ ମାତାପିତା ବାହାର ରାଜ୍ୟରେ କାମ କରନ୍ତି। ବାଳିକା ଜେଜେ ମା'ଙ୍କ ନିକଟରେ ରହୁଥିଲେ।

### ନୀଳଗିରିକୁ ସ୍ୱତନ୍ତ୍ର ଜିଲା ଦାବିରେ ୭ରେ ଭୁବନେଶ୍ୱର ଯାତ୍ରା

**ନୀଳଗିରି, ୧୪।୧୧(ପ୍ରଶାନ୍ତ ବିଶ୍ୱାଳ)**

ନୀଳଗିରିକୁ ସ୍ୱତନ୍ତ୍ର ଜିଲା ମାନ୍ୟତା ଦାବିରେ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ନଭେମ୍ବର ୭ତାରିଖରେ ଭୁବନେଶ୍ୱର ଯାତ୍ରା ଲାଗି ଆହ୍ୱାନ ଦିଆଯାଇଛି। କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ପୂର୍ବରୁ ନୀଳଗିରିରୁ ବାଲେଶ୍ୱର ପଦଯାତ୍ରା କରାଯାଇ ଜିଲାପାଳଙ୍କୁ ଭେଟି ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ରାଜ୍ୟପାଳ ଏବଂ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ମାତ୍ର ସେଭଳି କୌଣସି ପଦକ୍ଷେପ ନିଆ ନ ଯିବାରୁ ସୋମବାର ନୀଳଗିରି ଡାକବଙ୍ଗଳାଠାରେ କମିଟି ଆବାହକ ଚିତ୍ତରଞ୍ଜନ ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ଏକ ବୈଠକ ବସିଥିଲା। ବୈଠକରେ ରାଜଧାନୀ ଭୁବନେଶ୍ୱର ଯାଇ ସରକାରଙ୍କଠାରେ ଦୃଢ଼ ଦାବି କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏନେଇ ଖୁବ୍‌ଶୀଘ୍ର କାର୍ଯ୍ୟକାରୀ କମିଟି ଡକାଯାଇ ନୀଳଗିରିର ପ୍ରତ୍ୟେକ ଅଞ୍ଚଳରେ ପହଞ୍ଚି ଜନସଚେତନତା ସୃଷ୍ଟି କରାଯିବ ବୋଲି ଆବାହକ ଚିତ୍ତ ଷଡ଼ଙ୍ଗୀ ସୋମବାର ଏକ ପ୍ରେସ ବିବୃତିରେ ସୂଚନା ଦେଇଛନ୍ତି।

### ଗୋରୁ ଗାଡ଼ି ଜବତ, ୪ ଗିରଫ

**ତେଲକୋଇ,୧୪।୧୧(ରଞ୍ଜିତ ବିଶ୍ୱାଳ)**

କେନ୍ଦୁଝର ଜିଲା କାଞ୍ଜିପାଣି ଥାନା ୪୯ ନଂ. ଜାତୀୟ ରାଜପଥ କାଞ୍ଜିପାଣି ଘାଟିରୁ ତିନି ଗୋରୁ ବୋଝେଇ ଟ୍ରକ୍‌କୁ ପୋଲିସ ଜବତ କରିଛି। ଗାଡ଼ିରୁ ୧୧୨ଗୋରୁ ଉଦ୍ଧାର କରିବା ସହ ୪ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ମାନେହେଲେ ବଲାଙ୍ଗିର ଜିଲାର ସେଲୁ ଗୋଟେଇ(୩୬), ବରଗଡ଼ର ଶ୍ରୀକାନ୍ତ ସୁନା (୩୭), ପଶ୍ଚିମବଙ୍ଗର ରାଜ୍ୟର ସେକ ରମଜାନ (୨୭) ଓ ସେକ ସୁଦାମ ଅଲ୍ଲୀ (୨୪)। ସୂଚନା ଅନୁଯାୟୀ, ଶନିବାର ବିଳମ୍ବିତ ରାତିରେ ଏକ ଚଉଦ ଚକିଆ ଓ ଦୁଇଟି ବାର ଚକିଆ ଟ୍ରକରେ ଗୋରୁ ପଶ୍ଚିମବଙ୍ଗ ଚାଲାଣ ହେଉଥିଲା। ଖବର ପାଇ ଏସ୍‌ଡିପିଓ ମହେନ୍ଦ୍ରନାଥ ମୁର୍ମୁଙ୍କ ନେତୃତ୍ୱରେ ତେଲକୋଇ ଥାନା ଆଇଆଇସି ସରୋଜକାନ୍ତ ସାମଲ, କାଞ୍ଜିପାଣି ଥାନା ଅଧିକାରୀ ସ୍ୱରୂପ ରଞ୍ଜନ ନାୟକ ଚଢ଼ାଉ କରି ଗାଡ଼ି ଜବତ କରିଥିଲେ। ଉଦ୍ଧାର ଗୋରୁ ଗୁଡ଼ିକୁ କାଞ୍ଜିପାଣି ପୋଲିସ ବଡ଼ବିଲସ୍ଥିତ ଗୋଶାଳାରେ ଛାଡ଼ିଛି। ଏ ନେଇ କାଞ୍ଜିପାଣି ଥାନାରେ ଏକ ମାମଲା(ନଂ.୧୦୫/୨୩)ରେ ରୁଜୁ ହୋଇଛି। ଅଭିଯୁକ୍ତଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରି ଅଧିକ ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ କହିଛନ୍ତି।

# ଟେଣ୍ଡର ପରେ ବି କାମ ହେଉନି

## ବୈଶିଙ୍ଗା ଡାକ୍ତରଖାନା ନୂତନ ଗୃହ ନିର୍ମାଣ

**ବୈଶିଙ୍ଗା,୧୪।୧୧(ରତନ ଦାଶ)**

ମୟୂରଭଞ୍ଜ ଜିଲା ବେତନଟୀ ବ୍ଲକ ଅଧୀନ ବୈଶିଙ୍ଗା ଡାକ୍ତରଖାନା ଆଉ ମାତ୍ର ୨ବର୍ଷ ପରେ ଏକ ଶତାବ୍ଦୀ ପୂରଣ କରିବାକୁ ଯାଉଥିବା ବେଳେ ଏହାର ଉନ୍ନତୀକରଣ ହୋଇ ପାରୁନାହିଁ। ବର୍ଷେ ହେଲା ଟେଣ୍ଡର ସରି କାର୍ଯ୍ୟାଦେଶ ଦିଆଯାଇ ସରିଥିଲେ ମଧ୍ୟ ଗୃହ ନିର୍ମାଣ କାମ ଆରମ୍ଭ ହୋଇପାରୁନାହିଁ। ଏ ନେଇ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି।

୧୯୨୫ରେ ତତ୍କାଳୀନ ମୟୂରଭଞ୍ଜ ମହାରାଜା ପୂର୍ଣ୍ଣଚନ୍ଦ୍ର ଭଞ୍ଜଦେଓଙ୍କ ଦ୍ୱାରା ପ୍ରତିଷ୍ଠିତ ଏହି ଡାକ୍ତରଖାନା ଭୌଗଳିକ ଦୃଷ୍ଟିକୋଣରୁ ଖୁବ ଗୁରୁତ୍ୱ ବହନ କରିଥାଏ। ବାଲେଶ୍ୱର ଓ ମୟୂରଭଞ୍ଜ ଜିଲା ସୀମାନ୍ତ ତଥା ବେତନଟୀ ବ୍ଲକର ମୋଟ ୨୪ଟି ପଞ୍ଚାୟତର ମଧ୍ୟରୁ ୧୭ଟି ପଞ୍ଚାୟତର ଠିକ୍ ମଧ୍ୟସ୍ଥଳରେ ଏବଂ ୧୮ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ଏହି ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ଅବସ୍ଥିତ। ଲକ୍ଷାଧିକ ଜନସାଧାରଣଙ୍କ ଜୀବନରେଖା ପାଲଟିଥିବା ଏହି ସ୍ୱାସ୍ଥ୍ୟକେନ୍ଦ୍ରଟି ଶହେ ବର୍ଷ ତଳେ ପ୍ରତିଷ୍ଠା ସମୟରେ ଯେପରି ଥିଲା ଆଜି ମଧ୍ୟ ସେହି ଅବସ୍ଥାରେ ରହିଯାଇଛି। ରାଜ୍ୟ ସରକାର ଏହି ଡାକ୍ତରଖାନାକୁ ସମ୍ପୂର୍ଣ୍ଣ ଭୁଲି ଯାଇଥିବା ଅଞ୍ଚଳବାସୀ ଅଭିଯୋଗ କରୁଛନ୍ତି। ପ୍ରତିଷ୍ଠା ସମୟରେ ଆଜବେଷ୍ଟସ ଛାଉଣୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଇନଡୋର୍ ରୋଗୀଙ୍କ ନିମନ୍ତେ ୬ଟି ବେଡ୍ ଥିବାବେଳେ ଏବେ ମଧ୍ୟ ସମାନ ଅବସ୍ଥା।

୨୦୨୨-୨୩ ବର୍ଷରେ କେନ୍ଦ୍ର ସରକାରଙ୍କ ଜାତୀୟ ସ୍ୱାସ୍ଥ୍ୟମିଶନ ପକ୍ଷରୁ ଏହି ଡାକ୍ତରଖାନାର ଉନ୍ନତିକରଣ କରାଯାଇ ୨୪ x ୭ ପିଏଚ୍‌ସିରେ ପରିଣତ କରିବା ଉଦ୍ଦେଶ୍ୟରେ ୨କୋଟି ୩୧ ଲକ୍ଷ ଟଙ୍କା ବ୍ୟୟବରାଦ ହୋଇ ଟେଣ୍ଡର ପ୍ରକ୍ରିୟା ଶେଷ ହୋଇ ଏଚ୍‌ଏସ୍‌ସିଏଲ୍ ନାମକ ଏକ ଜାତୀୟ ସ୍ତରର ନିର୍ମାଣକାରୀ ସଂସ୍ଥାକୁ ଦାୟିତ୍ୱ ଦିଆଯାଇଛି। ମାତ୍ର ବିଡ଼ମ୍ବନାର ବିଷୟ ଯେ, ଇତି ମଧ୍ୟରେ ବର୍ଷେ ବିତିବାକୁ ଥିବା ବେଳେ ଅଦ୍ୟାବଧି କାର୍ଯ୍ୟ ଆରମ୍ଭ ମଧ୍ୟ ହୋଇପାରି ନାହିଁ। ଏ ବାବଦରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ରୂପଭାନୁ ମିଶ୍ରଙ୍କୁ ପଚାରିବାରୁ ଏହି ଡାକ୍ତରଖାନାକୁ ଏକ ସ୍ୱତନ୍ତ୍ର ୨୪ ଘଣ୍ଟିଆ ସ୍ୱାସ୍ଥ୍ୟକେନ୍ଦ୍ରରେ ପରିଣତ କରାଯିବ ଏବଂ ଏଥିପାଇଁ ଯଥେଷ୍ଟ ସ୍ଥାନ ଆବଶ୍ୟକ। ନୂତନ ବିଲ୍ଡିଂ ନିର୍ମାଣ ପାଇଁ ଡାକ୍ତରଖାନା ପରିସରରେ ସ୍ଥାନାଭାବ ଯୋଗୁ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇପାରିନାହିଁ। ତେବେ ଡାକ୍ତରଖାନା ସଂଲଗ୍ନ ଅବ୍ୟବହୃତ ଅବସ୍ଥାରେ ଥିବା ସାଢ଼େ ୪ ଏକର କେନ୍ଦୁଆ ପ୍ରାଥମିକ ବିଦ୍ୟାଳୟ ଜମିର ମାଲିକାନା ସତ୍ତ୍ୱ ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ହସ୍ତାନ୍ତର କରିବା ପାଇଁ ୩୦।୧୦।୨୦୨୩ରେ ଜରୁରୀ ପତ୍ର ନଂ. ୬୦୧୪ ମାଧ୍ୟମରେ ବେତନଟୀ ତହସିଲଦାରଙ୍କଠାରେ ଆବେଦନ କରାଯାଇଛି। ଏ ସଂକ୍ରାନ୍ତରେ ସେ ନିଜେ ବ୍ୟକ୍ତିଗତ ଭାବେ ଉପ ଜିଲାପାଳଙ୍କୁ ମଧ୍ୟ ଉକ୍ତ ଜମିର ମାଲିକାନା ସତ୍ତ୍ୱ ପ୍ରଦାନ ନିମନ୍ତେ ଅନୁରୋଧ କରିଥିବା କହିଛନ୍ତି। ଟେଣ୍ଡର ପାଇଥିବା ସଂସ୍ଥାର ଅଧିକାରୀ ମଧ୍ୟ କାର୍ଯ୍ୟାରମ୍ଭ ପାଇଁ ଅପେକ୍ଷାରେ ଥିବା ସେ କହିଛନ୍ତି। ତହସିଲଦାର ଅନିତା ନାୟକଙ୍କୁ ପଚାରିବାରୁ ସେ ଏ ବାବଦରେ କୌଣସି ଚିଠି ସିଡିଏମ୍‌ଓଙ୍କ କାର୍ଯ୍ୟାଳୟରୁ ପାଇନାହାନ୍ତି, ଚିଠି ମିଳିଲେ ପଦକ୍ଷେପ ନିଆଯିବ ବୋଲି ପ୍ରକାଶ କରିଛନ୍ତି।

# ଅନେକ ସମ୍ଭାବନାର ପ୍ରତୀକ ଶିଶୁ



ଛାତ୍ରୀମାନଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

## ଓଡ଼ିଶା ବ୍ରିଗେଡ୍ ସୈନିକ ସ୍କୁଲର ବାର୍ଷିକୋତ୍ସବ

**ଭଦ୍ରକ,୧୪।୧୧(ସନାତନ ରାଉତ)**

ଆଜିର ଶିଶୁ ଆଗାମୀ କାଲିର ଭବିଷ୍ୟତ। ଶିଶୁ ହସିଲେ ଦେଶ ହସିବ। ଶିଶୁ ଅନେକ ସମ୍ଭାବନାର ପ୍ରତୀକ ବୋଲି ଭଦ୍ରକ ଜିଲା ବନ୍ତ ବ୍ଲକ ଆଡ଼ିଆସ୍ଥିତ ଓଡ଼ିଶା ବ୍ରିଗେଡ୍ ସ୍କୁଲର ବାର୍ଷିକୋତ୍ସବ ଓ ପୁରସ୍କାର ବିତରଣ ସଭାରେ ମୁଖ୍ୟଅତିଥି ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଶଶୀଶେଖର କରଶର୍ମା ମତବ୍ୟକ୍ତ କରିଥିଲେ। ମଙ୍ଗଳବାର ଶିଶୁ ଦିବସ ଅବସରରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟବକ୍ତା ଭାବେ ଡ. ନାରାୟଣ ସେନାପତି ଯୋଗଦେଇ ଶିଶୁମାନଙ୍କ ମଧ୍ୟରେ ଜାତୀୟତା ଓ ଦେଶପ୍ରେମ ସୃଷ୍ଟି କରିବା ଆବଶ୍ୟକ ବୋଲି କହିଥିଲେ। ସ୍ୱତନ୍ତ୍ର ଅତିଥି ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ ଏବଂ ଅନ୍ୟତମ ଅତିଥି ଭାବେ ସରପଞ୍ଚ ମୀନାକୁମାରୀ ଜେନା, ସାହିତ୍ୟିକ ହରିହର ପାଣିଗ୍ରାହୀ, ବେସରକାରୀ ସ୍କୁଲ ସଂଘର ରାଜ୍ୟ ସଭାପତି ଅଶୋକ ମହାନ୍ତି, ଶିକ୍ଷାବିତ୍ କାଳନ୍ଦୀ ଚରଣ ଖୁଣ୍ଟିଆ, ହୃଷିକେଶ ମିଶ୍ର, ଓଷ୍ଟାର ବ୍ଲକ ସମ୍ପାଦକ ପ୍ରଣୟ କୁମାର ସିଂହ, ସାହିତ୍ୟିକ କୀର୍ତ୍ତନ ବିହାରୀ ନାୟକ, ପ୍ରଧାନ ଶିକ୍ଷକ ସୁବାସ ଚନ୍ଦ୍ର ସେଠୀ, ରବୀନ୍ଦ୍ର ଜେନା ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଜଗନ୍ନାଥ ମଲ୍ଲିକ ସଭାପତିତ୍ୱ କରିଥିଲେ। ସ୍କୁଲ ଅଧ୍ୟକ୍ଷ ହରିହର ଜେନା ସ୍ୱାଗତ ଭାଷଣ ପ୍ରଦାନ, ଶିକ୍ଷକ ଅପର୍ତି ଜେନା ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଶିକ୍ଷକ କୃଷ୍ଣଚନ୍ଦ୍ର ଜେନା ଅତିଥି ପରିଚୟ ଦେଇଥିଲେ। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ ଶିକ୍ଷକ ପୁଷ୍ପା ସାହୁ, ସୁବାଷିନୀ ସେଠୀ, କବିତା ବାରିକ୍, ଆଶ୍ୱାସୀ ରାଉତ, ରଶ୍ମୀରେଖା ପାତ୍ର, ଶ୍ରୀଧର ସେଠୀ ସହଯୋଗ କରିଥିବା ବେଳେ କାଶୀନାଥ ଆଇଚ ଧନ୍ୟବାଦ ଦେଇଥିଲେ।

# 'ସଙ୍ଗୀତରେ ଜିଉଥିଲେ ସୁଦର୍ଶନ'



ସଙ୍ଗୀତଗୁରୁ ସୁଦର୍ଶନ ନାୟକଙ୍କ ସ୍ମୃତି ସମାରୋହରେ ଶତାୟୁ କବି ସୁଧାଂଶୁ ଶେଖର ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ତିହିଡ଼ି,୧୪।୧୧ (ସଞ୍ଜିତ ବଳ)**

ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ଆନନ୍ଦ ପ୍ରସାଦ ସିନ୍ଦୋଳ ପଞ୍ଚାୟତ ସହଯୋଗ ହାଇସ୍କୁଲରେ ମଙ୍ଗଳବାର ସଙ୍ଗୀତଗୁରୁ ସ୍ୱର୍ଗତ ସୁଦର୍ଶନ ନାୟକଙ୍କ ୩ୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ସ୍ମୃତି ସମାରୋହ ଅନୁଷ୍ଠିତ ହୋଇଯାଇଛି। ସଙ୍ଗୀତଗୁରୁ ସୁଦର୍ଶନ ସ୍ମୃତି ସଂସଦ ପକ୍ଷରୁ ଆୟୋଜିତ ସମାରୋହରେ ବରିଷ୍ଠ କଥାକାର ଉମାକାନ୍ତ ମିଶ୍ରଙ୍କ ପୌରୋହିତ୍ୟରେ ମୁଖ୍ୟଅତିଥି ଭାବେ ତିହିଡ଼ି ଡିଗ୍ରୀ କଲେଜ ଅଧ୍ୟକ୍ଷ ଦେବେନ୍ଦ୍ର ପ୍ରସାଦ ସାମଲ ଯୋଗଦେଇ ସୁଦର୍ଶନ ସଙ୍ଗୀତରେ ଜୀବନ ଜିଉଥିଲେ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ତ୍ୟାଗଭୂମି ସାଂସ୍କୃତିକ ସମ୍ମେଳନର ସଭାପତି ଅଜୟ କୁମାର ନାୟକ ଏବଂ ଅନ୍ୟତମ ଅତିଥି ଭାବେ ଶିକ୍ଷାବିତ୍ ନିରଞ୍ଜନ ନାୟକ, ଅଧ୍ୟାପକ ରମେଶ ଚନ୍ଦ୍ର ପ୍ରତାପ, ସରପଞ୍ଚ ପୁଷ୍ପାଞ୍ଜଳି ଲେଙ୍କା, ପ୍ରଧାନ ଶିକ୍ଷକ ଭକ୍ତବନ୍ଧୁ ପତି ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। କବି ଶୀତଳ ବେହେରା, ପି.ହୃଷିକେଶ, ବିଭୂତି ଭୂଷଣ ସେନାପତି, ସୁଧାରଞ୍ଜନ ମହାନ୍ତି, ନିତ୍ୟାନନ୍ଦ ରାଉତ, ମନୋଜ ଗୁଇଁ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଶତାୟୁ କବି ସୁଧାଂଶୁ ଶେଖର ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କବି ରାଜେଶ ସେଠୀଙ୍କ ମଞ୍ଚ ଆବାହନ ପରେ ତିହିଡ଼ି ସଙ୍ଗୀତ ମହାବିଦ୍ୟାଳୟର ଅଧ୍ୟକ୍ଷ ସୁଧାଂଶୁ ନାୟକ ଓ ଛାତ୍ରୀଛାତ୍ର ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ସଂସଦର ସମ୍ପାଦକ ସୁବାସ ଚନ୍ଦ୍ର ଦାସ ବିବରଣୀ ପାଠ କରିଥିଲେ। ଗୌରୀବାଳା ରାଉତ ସ୍ୱାଗତ ଭାଷଣ ଓ କବି ବିଜୟ ବେହେରା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କବି ମୁକୁନ୍ଦଦେବ ନାୟକ ଧନ୍ୟବାଦ ଦେଇଥିଲେ। ପ୍ରଥମ ଅଧିବେଶନରେ ସ୍କୁଲ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସଙ୍ଗୀତ ପ୍ରତିଯୋଗିତା ହୋଇଥିଲା।

# ଗାଁକୁ ଫେରିଲା ମୃତଦେହ

## କଂଗ୍ରେସ ନେତା ନବଜ୍ୟୋତିଙ୍କୁ ସାଧାରଣରେ ପ୍ରଶଂସା

**ବାଲେଶ୍ୱର, ୧୪।୧୧ (ମାନସ ବିଶ୍ୱାଳ)**

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ଅଧୀନ କେସିପୁର ପଞ୍ଚାୟତ ବାଉଁଶନାଳ ଆଦିବାସୀ ବହୁଳ ଗ୍ରାମର ବାଗଲା ସିଂ ଗତ କିଛିଦିନ ପୂର୍ବରୁ ଭାଲୁ କାମୁଡ଼ାରେ ଗୁରୁତର ଆହତ ହୋଇ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସାଧୀନ ଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲେ ମଧ୍ୟ ତାଙ୍କ ମୃତଦେହକୁ ଅର୍ଥ ଅଭାବରୁ ପରିବାର ଲୋକେ ଗାଁକୁ ଆଣି ପାରି ନ ଥିଲେ। ସରକାରଙ୍କ ଯୋଜନାରେ ମଧ୍ୟ ବଡ଼ ଡାକ୍ତରଖାନାରୁ ମହାପ୍ରୟାଣ ଗାଡ଼ି ମିଳି ନ ଥିଲା। ଏ ସମ୍ପର୍କରେ ନୀଳଗିରି ବ୍ଲକ କଂଗ୍ରେସ ସଭାପତି ମନୋରଞ୍ଜନ ପଣ୍ଡା ଅବଗତ ହେବା ପରେ ସେ ବାଲେଶ୍ୱର ଲୋକସଭା ନିର୍ବାଚନକ୍ଷେତ୍ରର କଂଗ୍ରେସ ନେତା ନବଜ୍ୟୋତି ପଟ୍ଟନାୟକଙ୍କୁ ଅବଗତ କରାଇଥିଲେ। ନବଜ୍ୟୋତି ତୁରନ୍ତ ମୃତଦେହକୁ ତାଙ୍କ ଗ୍ରାମକୁ ଫେରାଇ ଆଣିବା ଲାଗି ସବୁପ୍ରକାର ବ୍ୟବସ୍ଥା କରିଥିଲେ। ଏହି ପଦକ୍ଷେପକୁ ସାଧାରଣରେ ପ୍ରଶଂସା କରଯାଇଛି।

# ବଣପାରିଆ ବିଦ୍ୟାଳୟରେ ମେଧା ସମ୍ବର୍ଦ୍ଧନା



ସମ୍ବର୍ଦ୍ଧନା ସଭାରେ ମଞ୍ଚାସୀନ ଅତିଥି।

**ଖଇରା, ୧୪।୧୧(ଉତ୍କଳବନ୍ଧୁ ପଣ୍ଡା)**

ବାଲେଶ୍ୱର ଜିଲା ଖଇରା ପଞ୍ଚାୟତ ଅଧୀନ ବଣପାରିଆ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶିଶୁ ଦିବସ ପାଳିତ ହୋଇଯାଇଛି। ପଣ୍ଡିତ କୃଷ୍ଣଚନ୍ଦ୍ର ପତ୍ରୀଙ୍କ ପୌରୋହିତ୍ୟରେ ଜିଲା ପରିଷଦ ସଭ୍ୟା ରଶ୍ମିତା ମହାପାତ୍ର ମୁଖ୍ୟଅତିଥି, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବୁଦ୍ଧିରାମ ପାଣିଗ୍ରାହୀ ମୁଖ୍ୟବକ୍ତାଭାବେ ଯୋଗ ଦେଇଥିଲେ। ସରପଞ୍ଚ ମାଳତୀଲତା ସେଠୀ, ସମିତିସଭ୍ୟା ନର୍ମଦା ଦେଓ, ପ୍ରାକ୍ତନ ଶିକ୍ଷକ ପଦ୍ମନାଭ ପଣ୍ଡା, ଗ୍ରାମ ମୁଖିଆ ଶ୍ରୀଧର ପଲେଇ, ଭାସ୍କର ଚନ୍ଦ୍ର ମହାରଣା, ପ୍ରାକ୍ତନ କମିଟି ସଭାପତି ନରେନ୍ଦ୍ର ପଲେଇ, ବର୍ତ୍ତମାନ ସଭାପତି ରାଜେନ୍ଦ୍ର ତ୍ରିପାଠୀ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇଥିଲେ। ଶିକ୍ଷାବିତ୍ ରାମଚନ୍ଦ୍ର ପତ୍ରୀ ସ୍ୱାଗତଭାଷଣ, ପ୍ରଧାନଶିକ୍ଷୟିତ୍ରୀ ସାବିତ୍ରୀମଣି ପଣ୍ଡା ବିବରଣୀ ପାଠ ଓ ଭୁବନ ଚନ୍ଦ୍ର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ରଘୁନାଥ ପତ୍ରୀ ସମସ୍ତ କାର୍ଯ୍ୟର ସଂଯୋଜନା କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ସମବାୟ ସପ୍ତାହରେ ଗଡ଼ିଲା ସଚେତନତା ରଥ

**ଭଦ୍ରକ,୧୪।୧୧ (ରବିନାରାୟଣ ଖିଲାର)**

ସମବାୟ ସପ୍ତାହ ପାଳନ ଅବସରରେ ଭଦ୍ରକ-ବାଲେଶ୍ୱର କେନ୍ଦ୍ରୀୟ ସମବାୟ ବ୍ୟାଙ୍କ, ଭଦ୍ରକ ଶାଖା ସମ୍ମୁଖରେ ସପ୍ତରଙ୍ଗୀ ଇନ୍ଦ୍ରଧନୁ ସମବାୟ ଏକତାର ପ୍ରତୀକ ରୂପେ ଜିଲ୍ଲାସ୍ତରୀୟ ପତାକା ଉତ୍ତୋଳନ କାର୍ଯ୍ୟକ୍ରମ ଭଦ୍ରକ ସହକାରୀ ନିବନ୍ଧକ କାର୍ଯ୍ୟାଳୟ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ସହକାରୀ ନିବନ୍ଧକ ପ୍ରାଚିତା ଜେନା ପତାକା ଉତ୍ତୋଳନ କରିଥିଲେ। ଉପ ସହକାରୀ ନିବନ୍ଧକ ସତ୍ୟପ୍ରକାଶ ସେଠୀ ସମବାୟ ଆନ୍ଦୋଳନ ସମ୍ପର୍କରେ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଶାଖା ପରିଚାଳକ ସୁଶାନ୍ତ ନାୟକ ସମବାୟ ପତାକା ସଙ୍ଗୀତ ଗାନ କରିଥିଲା ବେଳେ ନିର୍ମଳ ସେଠୀ, ଜୋନାଲ ଅଫିସର ସଞ୍ଜୟ ନାୟକ, ବସନ୍ତ ରଣା, ବାବାଜୀ ମଲ୍ଲିକ, ମୃତ୍ୟୁଞ୍ଜୟ ପଣ୍ଡା, ଅଭିଳାଷ ରଣା, ଇତିରେଖା ମଲ୍ଲିକ, ରିତୁପର୍ଣ୍ଣା ସାହୁ, ପ୍ରଜ୍ଞା ସାମଲ, ତାପସ ରାଉତ, ଗାୟତ୍ରୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମ ପରେ ପରେ ସମସ୍ତେ ଜିଲାପାଳ କାର୍ଯ୍ୟାଳୟଠାରେ ପହଞ୍ଚିଥିଲେ। ସେଠାରେ ଡେପୁଟି କଲେକ୍ଟର ମନୋରମା ଜାଲି ସବୁଜ ପତାକା ଦେଖାଇବା ପରେ ସମବାୟ ସଚେତନତା ରଥ ଶୁଭାରମ୍ଭ କରାଯାଇଥିଲା। ୧୬ ତାରିଖରେ ଡିଆରଡିଏ କନ୍‌ଫରେନ୍ସ ହଲ୍‌ରେ 'ସମବାୟ ଆନ୍ଦୋଳନ' ଉପରେ ବକ୍ତୃତା ଓ ରଚନା ପ୍ରତିଯୋଗିତା ହେବ। ୧୭ରେ ଜିଲାପାଳଙ୍କ କାର୍ଯ୍ୟାଳୟରୁ ଗଣଦୌଡ଼ ଆରମ୍ଭ ହୋଇ ଭଦ୍ରକ ସହକାରୀ ନିବନ୍ଧକଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯିବ। ଶେଷରେ ୧୮ରେ ଶହୀଦ ସ୍ମୃତି ଭବନଠାରେ ଚାଷୀମାନଙ୍କୁ ନେଇ ଏକ ଜିଲାସ୍ତରୀୟ ବିଶାଳ କାର୍ଯ୍ୟକ୍ରମ କରାଯିବାକୁ ସ୍ଥିର ହୋଇଛି।

# ଟ୍ରକ୍ ମାଲିକ ସଂଘ ପକ୍ଷରୁ ଆମ୍ବୁଲାନ୍ସ ଲୋକାର୍ପଣ

**ଯୋଡ଼ା,୧୪।୧୧(ମାନସ ମହାନ୍ତି)**




ନୂତନ ଆମ୍ବୁଲାନ୍ସର ପୂଜାର୍ଚ୍ଚନା କରାଯାଉଛି।

କେନ୍ଦୁଝର ଜିଲା ଯୋଡ଼ା ଟ୍ରକ୍ ମାଲିକ ସଂଘ ପକ୍ଷରୁ ଦୀପାବଳି ଓ କାଳୀପୂଜା ଅବସରରେ ଯୋଡ଼ାବାସୀଙ୍କ ସେବାରେ ଏକ ଆମ୍ବୁଲାନ୍ସ ଲୋକାର୍ପଣ କରାଯାଇଛି। ଯୋଡ଼ା ଓ ଆଖପାଖ ଅଞ୍ଚଳର ଜନସାଧାରଣ ନିଜର ସ୍ୱାସ୍ଥ୍ୟ ସମସ୍ୟା ସମୟରେ କିପରି ତୁରନ୍ତ ଡାକ୍ତରଖାନାରେ ପହଞ୍ଚିବେ ସେସବୁକୁ ଦୃଷ୍ଟିରେ ରଖି ଏହି ଆମ୍ବୁଲାନ୍ସ ସେବା ଲୋକାର୍ପଣ କରାଯାଇଥିବା ସମ୍ପାଦକ ସୁଶାନ୍ତ କୁମାର ବାରିକ କହିଛନ୍ତି। ଏଥିରେ ଉନ୍ନତ ଜ୍ଞାନକୌଶଳ ରହିଛି। ପୂର୍ବରୁ ସଂଘର ଆମ୍ବୁଲାନ୍ସ ଥିଲେ ମଧ୍ୟ ଏପରି ଉନ୍ନତଧରଣର ଆମ୍ବୁଲାନ୍ସ ନ ଥିବାରୁ ଏହି ଆମ୍ବୁଲାନ୍ସଟି ଅଣାଯାଇଛି। ସଂଘର ଏତାଦୃଶ କାର୍ଯ୍ୟକୁ ଜନସାଧାରଣରେ ପ୍ରଶଂସା କରାଯାଇଛି। ଅନ୍ୟ ଆମ୍ବୁଲାନ୍ସ ତୁଳନାରେ ଏହା ଖୁବ୍ କମ ଖର୍ଚ୍ଚରେ ରୋଗୀସେବା ଯୋଗାଇବ। ସୋମବାର ସଂଘ ପରିସରରେ କୋଷାଧ୍ୟକ୍ଷ ରାଜେଶ ରୋସନ ଆମ୍ବୁଲାନ୍ସର ପୂଜାର୍ଚ୍ଚନା ପରେ ଲୋକଙ୍କ ଉଦ୍ଦେଶ୍ୟରେ ଅର୍ପଣ କରିଥିଲେ।

# ଦୋକାନ ସିଲ୍‌କଲା ପ୍ରଶାସନ

**ପାଟଣା,୧୪।୧୧(ବୀର କିଶୋର ଦାଶ)**

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ୪୯ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱ କ୍ଷୀରଇ ଟାଙ୍ଗିରିରେ ଥିବା ପଞ୍ଚାୟତ ମାର୍କେଟ କମ୍ପ୍ଲେକ୍ସରେ ଥିବା ଏକ ଦୋକାନକୁ ତୁରୁମୁଙ୍ଗା ପୋଲିସ ଉପସ୍ଥିତିରେ ପ୍ରଶାସନ ସିଲ୍ କରିଛି। ପାଟଣା ବ୍ଲକ୍ ଜିପିଓ ରଶ୍ମୀ ରେଖା ମହାନ୍ତି, ସ୍ଥାନୀୟ ସରପଞ୍ଚ ସଞ୍ଜୁଲତା ନାଏକ, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅକ୍ଷୟ ସାହୁଙ୍କ ଉପସ୍ଥିତିରେ ଦୋକାନର ସାମଗ୍ରୀ ବାହାର କରି ଦୋକାନ ଗୃହରେ ଚାବି ପକାଇଛନ୍ତି। ଜିପିଓ କହିଛନ୍ତି, ଦୋକାନୀ ବର୍ଷେ ହେବ ଭଡ଼ା ଦେଉ ନ ଥିଲେ। ବର୍ଷେ ହେବ ଏଗ୍ରିମେଣ୍ଟ ରିନ୍ୟୁ ମଧ୍ୟ କରି ନ ଥିଲେ।

# ଜବରଦଖଲ ଜମିରେ ଡିଏମ୍‌ଏଫ୍ ଅର୍ଥ ଖର୍ଚ୍ଚ

**ହାଟଡ଼ିହୀ,୧୪।୧୧(ଶୁଭକାନ୍ତ ନାୟକ)**

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ଶାଳନିଆ ପଞ୍ଚାୟତ ଅଧୀନ ବିଷ୍ଣୁପୁର ଅନନ୍ତ ବାସୁଦେବ ସଂସ୍କୃତ ବିଦ୍ୟାପୀଠ ପକ୍ଷରୁ ଜବରଦଖଲ ଜମିରେ ଡିଏମ୍‌ଏଫ ଅର୍ଥ ଖର୍ଚ୍ଚ କରାଯାଉଛି। ଏ ନେଇ ଏକ ଅଭିଯୋଗ ଆଧାରରେ ହାଇକୋର୍ଟ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ପରେ ତହସିଲଦାରଙ୍କ ତତ୍ତ୍ୱାବଧାନରେ ତଦନ୍ତ ପରେ ଜବରଦଖଲ ହୋଇଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ, ଉକ୍ତ ବିଦ୍ୟାଳୟର ଉନ୍ନୟନ ପାଇଁ ଡିଏମ୍‌ଏଫ ପାଣ୍ଠିରୁ (ନଂ. ୨୦୫୬/୧୯ ଜୁଲାଇ ୨୦୨୩)୩୪ ଲକ୍ଷ ୭୦ ହଜାର ଟଙ୍କା ଅନୁଦାନ ମିଳିଛି। ବିଷ୍ଣୁପୁର ମୌଜାରେ ଉକ୍ତ ବିଦ୍ୟାପୀଠ ନାମରେ ମୋଟ ଏରିଆ ୪୦ ଡ଼ିସିମିଲି ଥିବା ବେଳେ ଏହାର ଖାତା (ନଂ. ୧୨୯/୨୭୩ ଏବଂ ପ୍ଲଟ୍ ୩୦୫/୧୩୯୭) ଅଟେ। ତେବେ ୧୩୮ ନଂ. ଖାତାର ୩୦୫ ନମ୍ବର ରାସ୍ତା ପ୍ଲଟ୍‌କୁ ବିଦ୍ୟାପୀଠ ତରଫରୁ ଜବରଦଖଲ କରି ଉନ୍ନୟନ କାର୍ଯ୍ୟ କରାଯାଉଛି। ଏ ସଂକ୍ରାନ୍ତରେ ହରମୋହନ ରାଉତ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗ ଆଧାରରେ ଆଇନ ଅନୁସାରେ ବିଚାର କରିବାକୁ ହାଟଡ଼ିହୀ ତହସିଲଦାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ତହସିଲଦାରଙ୍କ ନିର୍ଦ୍ଦେଶ କ୍ରମେ ଡଅଁର ଆରଆଇ ସନ୍ଦୀପ ପରିଡ଼ା ଏରିଆ ଚିହ୍ନଟ କରିଥିଲେ। ବିଦ୍ୟାପୀଠ ତରଫରୁ କିଛି ସରକାରୀ ଜାଗାକୁ ଜବରଦଖଲ କରି ଗୃହ ନିର୍ମାଣ ହୋଇଥିବା ଆରଆଇ କହିଛନ୍ତି। ଜିଲାପାଳ ଏ ଦିଗରେ ପଦକ୍ଷେପ ନେବାକୁ ଅଭିଯୋଗକାରୀ ଦାବି କରିଛନ୍ତି।

# ମଧୁମେହ ନିରାକରଣ ସଚେତନତା ଶୋଭାଯାତ୍ରା

**ବାଲେଶ୍ୱର, ୧୪।୧୧(ମାନସ ବିଶ୍ୱାଳ)**

ବାଲେଶ୍ୱର ସହରର ବିଭିନ୍ନ କ୍ଲିନିକ୍ ଓ ଔଷଧ ଦୋକାନ ପକ୍ଷରୁ ମଙ୍ଗଳବାର ବିଶ୍ୱ ମଧୁମେହ ଦିବସ ପାଳନ କରାଯାଇଛି। ଏହି ରୋଗର ଭୟାବହତା ଓ ନିରାକରଣ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। ବାଲେଶ୍ୱର ଏଫ୍‌ଏମ୍ କଲେଜ ରୋଡସ୍ଥିତ ଜୀବନଜ୍ୟୋତି ଔଷଧ ଦୋକାନ ପକ୍ଷରୁ ଡା. ମୃତ୍ୟୁଞ୍ଜୟ ମିଶ୍ରଙ୍କ ନେତୃତ୍ୱରେ ଏକ ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ପରେ ନିକଟସ୍ଥ କ୍ଲିନିକ୍‌ରେ ରୋଗୀଙ୍କ ମଧୁମେହ ପରୀକ୍ଷା କରାଯାଇଥିଲା। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଦୁଲାଲସେନ ଜଗଦ୍ଦେବ ଯୋଗଦେଇଥିଲେ। ବ୍ୟୋମ ରଥ, ବ୍ରହ୍ମ ରଥ, ସଞ୍ଜିତ କୁମାର ବେହେରା, ଅକ୍ଷୟ ଦାସ, ପ୍ରତିକ ଚକ୍ରବର୍ତ୍ତୀ ପ୍ରମୁଖ ସହଯୋଗ କରିଥିଲେ।

ସେହିପରି ଡା. ଅମୂଲ୍ୟ କୁମାର ଦାସ ତତ୍ତ୍ୱାବଧାନରେ ଶ୍ରୀ ପଲି କ୍ଲିନିକ୍ ପକ୍ଷରୁ ଉକ୍ତ ଦିବସ ପାଳନ କରାଯାଇଛି। ସହରରେ ଶୋଭଯାତ୍ରା ମାଧ୍ୟମରେ ମଧୁମେହ ରୋଗ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ସହ ଚିଡ଼ିଆପୋଲସ୍ଥିତ ରବୀନ୍ଦ୍ର କଲ୍ୟାଣ ମଣ୍ଡପ ପରିସରରେ ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରରେ ଯୋଗ ଦେଇଥିବା ବ୍ୟକ୍ତିଙ୍କ ମଧୁମେହ ରୋଗ ଚିହ୍ନଟ ପାଇଁ ଏଚ୍‌ବିଏ୧ସି, ଲିପିଡ ପ୍ରୋଫାଇଲ, ଥାଇରଏଡ୍ ପ୍ରୋଫାଇଲ, ଇସିଜି, ବିଏମଡି ଓ ଏଫବିଏସ ପ୍ରଭୃତି ପରୀକ୍ଷା ସହ ସ୍ୱାସ୍ଥ୍ୟ ଶିକ୍ଷା ଓ ପରାମର୍ଶ ତଥା ମଧୁମେହ ରୋଗୀଙ୍କ ପାଇଁ ଖାଦ୍ୟପ୍ରଣାଳୀ ସମ୍ପର୍କରେ ବିଭିନ୍ନ ଉପାଦେୟ ତଥ୍ୟ ପ୍ରଦାନ କରାଯାଇଥିଲା। ଏଥିରେ ୩୦୦ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଗୋପାଳକୃଷ୍ଣ ଦାସଙ୍କ ନେତୃତ୍ୱରେ ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ବାଲେଶ୍ୱର ଶାଖା କେନ୍ଦ୍ରର ସଦସ୍ୟମାନେ ଶିବିର ପରିଚାଳନାରେ ସହଯୋଗ କରିଥିଲେ।




ମଧୁମେହ ରୋଗ ସମ୍ପର୍କରେ ସଚେତନତା ଶୋଭାଯାତ୍ରା।

# 'ମଧୁସୂଦନ, ସତ୍ୟପ୍ରିୟଙ୍କ ଅବଦାନ ଅତୁଳନୀୟ'

**ବାସୁଦେବପୁର, ୧୪।୧୧ (ନାରାୟଣ ପ୍ରସାଦ ବାରିକ୍)**

ଭଦ୍ରକ ଜିଲା ବାସୁଦେବପୁରର ଦିବଂଗତ ପୂର୍ବତନ ବ୍ଲକ ଅଧ୍ୟକ୍ଷ ମଧୁସୂଦନ ଦାସ, ବରିଷ୍ଠ ଖବରଦାତା ତଥା ସ୍ରଷ୍ଟା ଓ ସୃଷ୍ଟି ସାହିତ୍ୟ ଅନୁଷ୍ଠାନର ସମ୍ପାଦକ ସତ୍ୟପ୍ରିୟ ମହାନ୍ତିଙ୍କ ଉଦ୍ଦେଶ୍ୟରେ ମିରାକିଲ ପବ୍ଲିକ ସ୍କୁଲ ପରିସରରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। 'ସ୍ରଷ୍ଟା ଓ ସୃଷ୍ଟି'ର ସଭାପତି ଦୁଃଶାସନ ରାଉତଙ୍କ ସଭାପତିତ୍ୱରେ ଆୟୋଜିତ ସ୍ମୃତିସଭାରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ନିର୍ମଳ ଚନ୍ଦ୍ର ବେହେରା ଯୋଗଦେଇ ବାସୁଦେବପୁର ଅଞ୍ଚଳର ରାଜନୀତି, ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ରରେ ମଧୁସୂଦନ ଓ ସତ୍ୟପ୍ରିୟଙ୍କ ଅବଦାନ ଅତୁଳନୀୟ ବୋଲି କହିଥିଲେ। ସାମାଜିକ କର୍ମୀ ତ୍ରୈଲୋଚନ ଜେନା, ମହେଶ ଚନ୍ଦ୍ର ଦାସ, ସୁଧାଂଶୁ ଶେଖର ମିଶ୍ର, ଡ. ବସନ୍ତ ଦାସ, ସ୍ନିଗ୍ଧା ମହାନ୍ତି, ବନମାଳୀ କୁଅଁର, ଭାଗୀରଥି ପଲେଇ, ନିରଞ୍ଜନ ସେଠୀ, ରତ୍ନାକର ବାରିକ୍, ପ୍ରହ୍ଲାଦ ବାରିକ୍, ଡ. ପ୍ରତାପ ଚନ୍ଦ୍ର ନାୟକ, ଡ. ଅଜୟ ପଣ୍ଡା, ସ୍ମୃତିରଞ୍ଜନ ପଲିତା, ପ୍ରମୁଖ ସ୍ମୃତିଚାରଣ କରିଥିଲେ। ବାସୁଦେବପୁର ସାମ୍ବାଦିକ ସଂଘ ସମ୍ପାଦକ ନାରାୟଣ ପ୍ରସାଦ ବାରିକ୍ ଧନ୍ୟବାଦ ଅର୍ପଣ କରିଥିଲେ।

